ଧରିତ୍ରୀ
DHARITRI

# ମନ ମିଜାଜ

ଗୁରୁବାର, ୧୩ ସେପ୍ଟେମ୍ବର, ୨୦୧୮

ପୃ ୩ ଖାଦ୍ୟରୁଚି
'ସବ୍‌ଜି ଖଜାନା'

ପୃ ୬ ନିଜ କଥା
ଗାୟିକା ହେବାକୁ ଚାହୁଁଥିଲି

ପୃ ୮ ଧରିତ୍ରୀ ଆଳାପ
ମ୍ୟୁଜିକ୍‌କୁ ନେଇ ବଞ୍ଚିବି




# ଆଇଟି ହବ୍ ହେଉଛି ଓଡ଼ିଶା

ଦିନ ଥିଲା ବେଙ୍ଗାଲୁରୁ, ହାଇଦ୍ରାବାଦ, ଗୁରୁଗ୍ରାମ, ପୁଣେ, ମୁମ୍ବାଇ ଓ ଚେନ୍ନାଇ ଭଳି ଦେଶର ପ୍ରମୁଖ ସହର ଆଇଟି ଇଣ୍ଡଷ୍ଟ୍ରି ପାଇଁ ପ୍ରଥମ ପସନ୍ଦ ପାଲଟୁଥିଲା। ଦେଶ ଓ ବିଦେଶର ବଡ଼ ବଡ଼ ଆଇଟି କମ୍ପାନୀଗୁଡ଼ିକ ଇନ୍‌ଭେଷ୍ଟମେଣ୍ଟ ପାଇଁ ପ୍ରଥମେ ଏହି ସହରଗୁଡିକ ଉପରେ ଆଖି ପକାଉଥିଲେ। ହେଲେ ଏବେ ସମୟ ଓ ପରିସ୍ଥିତି  ବଦଳିଛି। ଗତ କିଛିବର୍ଷ ହେଲା ମେଟ୍ରୋ ପରିବର୍ତ୍ତେ ଟାୟାର ୨ ଓ ଟାୟାର ୩ ସହର ଭାରତର ପ୍ରମୁଖ ଆଇଟି ଡେଷ୍ଟିନେଶନରେ ପରିଣତ ହୋଇଛି। ଭୁବନେଶ୍ୱର, ଚଣ୍ଡିଗଡ, ଅହମ୍ମଦାବାଦ, ଜୟପୁର, କୋଚି, ତ୍ରିଭେନ୍ଦ୍ରମ୍, କୋଏମ୍ବାଟୁର୍ ଓ କୋଝିକୋଡ୍ ଭଳି ଟାୟାର ୨ ସହର ଏବେ ଆଇଟି ମ୍ୟାପ୍‌ରେ ନିଜର ସ୍ଥିତି ମଜଭୁତ କରିବା ସହ ଦେଶର ନୂଆ ଆଇଟି ହବ୍‌ରେ ପରିଣତ ହୋଇଛନ୍ତି। ଏଭଳିସ୍ଥଳେ ୱେବ୍ ଡେଭଲପ୍‌ମେଣ୍ଟ ଏବଂ ଡିଜିଟାଲ ମାର୍କେଟିଂ କ୍ଷେତ୍ରରେ କାର୍ଯ୍ୟ କରୁଥିବା କମ୍ପାନୀଗୁଡିକ ପାଇଁ ଭୁବନେଶ୍ୱର  ସମ୍ପ୍ରତି ପ୍ରଥମ ପସନ୍ଦ ପାଲଟିଛି। ରାଜ୍ୟର ନୂଆ ଷ୍ଟାର୍ଟଅପ୍ ପଲିସି ଅଧିକରୁ ଅଧିକ ଆଇଟି କମ୍ପାନୀକୁ ଓଡ଼ିଶା ପ୍ରତି ଆକର୍ଷିତ କରୁଥିବା ବେଳେ ଇନ୍‌ଫୋସିସ୍, ୱିପ୍ରୋ, ଟେକ୍ ମହିନ୍ଦ୍ରା, ଟିସିଏସ୍ ଏବଂ ମାଇଣ୍ଡଟ୍ରି ଭଳି ମଲ୍ଟିନ୍ୟାଶନାଲ ଆଇଟି ସଂସ୍ଥାଙ୍କ ଉପସ୍ଥିତି ରାଜ୍ୟର ଆଇଟି ରପ୍ତାନିକୁ ଦିନକୁ ଦିନ ବୃଦ୍ଧି କରୁଛି।



ଜୀବନ ଧାରଣ ପାଇଁ ବିପୁଳ ଖର୍ଚ୍ଚ, ଟ୍ରାଫିକ୍ ସମସ୍ୟା, ପ୍ରଦୂଷଣ,  ବିପର୍ଯ୍ୟସ୍ତ ପରିମଳ, ବର୍ଦ୍ଧିତ ଅପରାଧ ବଡ଼ ସହରର ଦୈନନ୍ଦିନ ଜୀବନଯାପନ ଉପରେ ବହୁଳଭାବେ ପ୍ରଭାବ ପକାଉଛି। ଏସବୁ କ୍ଷେତ୍ରରେ ଛୋଟ ସହରରେ ବେଶ୍ ଉନ୍ନତ ସ୍ଥିତି। ବିଶେଷକରି ଭୁବନେଶ୍ୱର ଏ କ୍ଷେତ୍ରରେ ଆଗଧାଡିରେ ରହିଛି। ପରିଷ୍କାର ପରିଚ୍ଛନ୍ନ ରାସ୍ତାଘାଟ ସହ ବାଙ୍ଗାଲୋର, ଚେନ୍ନାଇ ଭଳି ସହର ତୁଳନାରେ କମ୍ ଟ୍ରାଫିକ୍, କମ୍ ପ୍ରଦୂଷଣ ଯୋଗୁ ଭୁବନେଶ୍ୱରକୁ ଏବେ ଆଇଟି କମ୍ପାନୀଗୁଡିକ ପସନ୍ଦ କରୁଛନ୍ତି। ସବୁଠାରୁ ବଡକଥା ହେଲା ରାଜ୍ୟ ସରକାରଙ୍କ ଇନ୍‌ଭେଷ୍ଟମେଣ୍ଟ ଫ୍ରେଣ୍ଡଲି ମନୋଭାବ ରାଜ୍ୟର ଆଇଟି ଶିଳ୍ପକୁ ଆଉପାଦେ ଆଗକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। କେବଳ ଭୁବନେଶ୍ୱର ନୁହେଁ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱରକୁ ମଧ୍ୟ ସମାନଭାବେ ପ୍ରାଥମିକତା ଦିଆଯାଉଥିବା ବେଳେ ସଫ୍ଟୱେର୍ ଏକ୍ସପୋର୍ଟ ବଢାଇବାକୁ ଏଠାରେ ୪ଟି ସଫ୍ଟୱେର ଟେକ୍ନୋଲୋଜି ପାର୍କ ଅଫ୍ ଇଣ୍ଡିଆ(ଏସ୍‌ଟିପିଆଇ) କାର୍ଯ୍ୟକ୍ଷମ ହୋଇଛି। ୨୦୧୯ ମାର୍ଚ୍ଚ ସୁଦ୍ଧା ଅନୁଗୋଳ, ଜୟପୁର, ସମ୍ବଲପୁର ଏବଂ ଯାଜପୁରରେ ଆହୁରି ୪ଟି ଏସ୍‌ଟିପିଆଇ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖାଯାଇଛି, ଯାହାକି ରାଜ୍ୟର ଆଇଟି ଶିଳ୍ପକୁ ଲୋକାଭିମୁଖୀ କରିବା ସହ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ।

ପୃ ୨





# ଆଇଟି ହବ୍ ହେଉଛି ଓଡ଼ିଶା

ପ୍ରଥମ ପୃଷ୍ଠାରୁ...



## ୧୭ ବର୍ଷରେ ୯୧ କୋଟିରୁ ୩୪୦୦ କୋଟି

ଗତ କିଛିବର୍ଷ ମଧ୍ୟରେ ଓଡ଼ିଶା ପ୍ରଯୁକ୍ତିବିଦ୍ୟା ଶିଳ୍ପରେ ଆଖିଦୃଶିଆ ସଫଳତା ହାସଲ କରିଛି। ୧୭ବର୍ଷ ମଧ୍ୟରେ ରାଜ୍ୟର ଆଇଟି ଶିଳ୍ପରେ ପ୍ରାୟ ୩୩୦୦ କୋଟିର ଅଭିବୃଦ୍ଧି ଘଟିଛି। ରାଜ୍ୟ ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ ଚନ୍ଦ୍ରସାରଥି ବେହେରାଙ୍କ ସୂଚନା ଅନୁଯାୟୀ, ୨୦୦୦ ମସିହାରେ ଓଡ଼ିଶାର ଆଇଟି ରପ୍ତାନି ମାତ୍ର ୯୧ କୋଟି ଥିବାବେଳେ ୨୦୧୬-୧୭ ବର୍ଷରେ ତାହା ୩୪୦୦ କୋଟିରେ ପହଞ୍ଚିଛି। ସେହିଭଳି ଆଇଟି କମ୍ପାନୀ ସଂଖ୍ୟା ମଧ୍ୟ ବହୁଳଭାବେ ବୃଦ୍ଧି ପାଇଛି। ୨୦୦୦ ମସିହାରେ ମାତ୍ର ୩୫ଟି ଏକ୍ସପୋର୍ଟିଂ କମ୍ପାନୀ ଓଡ଼ିଶାରେ ଥିବାବେଳେ ଏବେ ତାହା ୧୧୫ରେ ପହଞ୍ଚିଛି। ଦେଶର ଆଗଧାଡ଼ିର କମ୍ପାନୀମାନଙ୍କ ଉପସ୍ଥିତି ଭୁବନେଶ୍ୱରରେ ଦେଖିବାକୁ ମିଳିଛି। ଫଳରେ ୧୭,୦୦୦ ଯୁବପିଢ଼ିଙ୍କୁ ନିଯୁକ୍ତି ଯୋଗାଇଦେଇଛି। ଇନ୍‌ଫୋସିସ୍, ୱିପ୍ରୋ, ଟେକ୍ ମହିନ୍ଦ୍ରା ଏବଂ ଟିସିଏସ୍ ନିଜର କଳେବର ବୃଦ୍ଧି କରି ଆହୁରି ୪,୭୦୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛନ୍ତି।

## ବୈଷୟିକ ଶିକ୍ଷାର ବ୍ୟାପକତା

ରାଜ୍ୟରେ ବୈଷୟିକ ଶିକ୍ଷାର ବ୍ୟାପକତା ଦେଖିବାକୁ ମିଳୁଥିବାବେଳେ ଭୁବନେଶ୍ୱର ପୂର୍ବ ଭାରତର ଏଜୁକେଶନ ହବ୍‌ରେ ପରିଣତ ହୋଇଛି। ଦେଶ ଏବଂ ଦେଶ ବାହାରୁ ବହୁ ଶିକ୍ଷାର୍ଥୀ ଏଠାକୁ ବୈଷୟିକ ଶିକ୍ଷା ପାଇଁ ଆସୁଛନ୍ତି। ଆଇଆଇଟି, ଆଇଆଇଆଇଟି, ଏନ୍‌ଆଇଟି ଓ ନାଇଜର୍ ଭଳି ପ୍ରମୁଖ ଜାତୀୟସ୍ତରୀୟ ଶିକ୍ଷାନୁଷ୍ଠାନକୁ ହୋଷ୍ଟ୍ କରୁଛି ଓଡ଼ିଶା। ଏହାସହ ଏଠାରେ ରହିଛି ବହୁ ବେସରକାରୀ ବୈଷୟିକ ବିଶ୍ୱବିଦ୍ୟାଳୟ ଏବଂ ୮୭ରୁ ଊର୍ଦ୍ଧ୍ୱ ଇଞ୍ଜିନିୟରିଂ କଲେଜ, ଯାହାକି ଆଇଟି କମ୍ପାନୀକୁ ଆକୃଷ୍ଟ କରିବାର ଅନ୍ୟତମ ପ୍ରମୁଖ କାରଣ ପାଲଟିଛି। ବେଙ୍ଗାଲୁରୁ, ପୁଣେ, ଚେନ୍ନାଇ, ହାଇଦ୍ରାବାଦରେ କାମ କରୁଥିବା ଅଧିକାଂଶ ଇଞ୍ଜିନିୟର ଏବଂ ପ୍ରୋଗ୍ରାମରଙ୍କୁ ଓଡ଼ିଶା ସୃଷ୍ଟି କରିଛି। 'ମାଇଣ୍ଡଟ୍ରି'ର ସହ ପ୍ରତିଷ୍ଠାତା ସୁବ୍ରତ ବାଗ୍‌ଚୀଙ୍କ ଠାରୁ ଆରମ୍ଭକରି ଶୁଭେନ୍ଦୁ ପାଣିଗ୍ରାହୀ (ଭେଞ୍ଚ୍ୟୁରସିଟି), ପ୍ରତୀକ ପଣ୍ଡା (ଆପ୍‌ନକ୍ସ), ସନ୍ତୋଷ ପଣ୍ଡା (ଏକ୍ସପ୍ଲାରା), ଅହିମାଣିକ୍ୟ ଶତପଥୀ (ଡକ୍‌ଏନ୍‌ଗେଜ୍), ଶ୍ରୀକୁମାର ମିଶ୍ର (ମିଲ୍କ ମନ୍ତ୍ରା), ରିତେଶ ଅଗ୍ରୱାଲ (ଓୟୋ ରୁମ୍ସ)ଙ୍କ ଭଳି ବହୁ ଜଣାଶୁଣା ଆଇଟି ଷ୍ଟାର୍ଟଅପ୍‌ର ପ୍ରତିଷ୍ଠାତାଙ୍କୁ ଓଡ଼ିଶା ସୃଷ୍ଟି କରିଛି। ଏଭଳିସ୍ଥଳେ ଆଇଟି ଶିକ୍ଷାକୁ ଆଉପାଦେ ଆଗକୁ ନେବାକୁ ରାଜ୍ୟ ସରକାର ଖୁବ୍‌ଶୀଘ୍ର ଏଠାରେ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଲେକ୍ଟ୍ରୋନିକ୍ସ ଆଣ୍ଡ୍ ଇନ୍‌ଫରମେଶନ ଟେକ୍ନୋଲୋଜି (ଏନ୍‌ଆଇଇଏଲ୍‌ଆଇଟି) ପ୍ରତିଷ୍ଠା କରିବାକୁ ମଧ୍ୟ ଲକ୍ଷ୍ୟ ରଖିଛନ୍ତି।

## ଟେକ୍ ଷ୍ଟାର୍ଟଅପ୍ କଲଚର୍‌କୁ ପ୍ରୋତ୍ସାହନ

ଷ୍ଟାର୍ଟଅପ୍ ପ୍ରତି ଅଧିକରୁ ଅଧିକ ଯୁବପିଢ଼ିଙ୍କୁ ଆକର୍ଷିତ କରିବାକୁ ରାଜ୍ୟ ସରକାର 'ଷ୍ଟାର୍ଟଅପ୍ ଓଡ଼ିଶା' ଆରମ୍ଭ କରିଥିବା ବେଳେ ଏହାର ପ୍ରାଥମିକତା ରହିଛି ଟେକ୍ ଷ୍ଟାର୍ଟଅପ୍ କଲଚର୍‌ର ବିକାଶ। ଭାରତର ସିଲିକନ୍ ଭ୍ୟାଲି କୁହାଯାଉଥିବା ବେଙ୍ଗାଲୁରୁ ଭଳି ଓଡ଼ିଶାକୁ ଅଧିକରୁ ଅଧିକ ଟେକ୍ ବା ଆଇଟି ବେସ୍‌ଡ ଷ୍ଟାର୍ଟଅପ୍ ଆଣିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିଲାଗି ଆଇଟି ଷ୍ଟାର୍ଟଅପ୍‌କୁ ରାଜ୍ୟ ସରକାର ପ୍ରୋତ୍ସାହନ ଦେଉଥିବା ବେଳେ 'ଇନ୍‌ଫରମେଶନ କମ୍ୟୁନିକେଶନ ଆଣ୍ଡ ଟେକ୍ନୋଲୋଜି ପଲିସି-୨୦୧୪' ଅନୁଯାୟୀ କମ୍ପାନୀଗୁଡ଼ିକୁ ସ୍ୱତନ୍ତ୍ର ଇନ୍‌ସେଣ୍ଟିଭ୍ ଦେବାର ବ୍ୟବସ୍ଥା ରହିଛି। ସେହିଭଳି ଷ୍ଟାର୍ଟଅପ୍ ପଲିସି ଅଧୀନରେ ଉଦ୍ୟୋକ୍ତାମାନଙ୍କୁ ଆକର୍ଷଣୀୟ ସବ୍‌ସିଡି ଦିଆଯିବାର ବ୍ୟବସ୍ଥା ରହିଛି। ଏହାବ୍ୟତୀତ ଆଇଟି ଫାର୍ମଗୁଡ଼ିକୁ ଓଡ଼ିଶା ସରକାର ମାଗଣା ଜମି ସହ ଟିକସ ସୁବିଧା ମଧ୍ୟ ପ୍ରଦାନ କରୁଛନ୍ତି। ଆଗାମୀ ଦିନରେ ପଟିଆ ବ୍ୟତୀତ କଟକର ନରାଜଠାରେ ୭୦୦ ଏକର ପରିମିତ ଜମିରେ ଆଉ ଏକ ଆଇଟି ଆଣ୍ଡ ଇଲେକ୍ଟ୍ରୋନିକ୍ସ ହବ୍ ପ୍ରତିଷ୍ଠା କରିବାକୁ ରାଜ୍ୟ ସରକାର ଯୋଜନା କରିଛନ୍ତି। ୱେବ୍‌ସାଇଟ୍ ଡିଜାଇନିଂ, ୱେବ୍ ଡେଭଲପ୍‌ମେଣ୍ଟ, ମୋବାଇଲ୍ ଆପ୍ଲିକେଶନ ଡେଭଲପ୍‌ମେଣ୍ଟ କମ୍ପାନୀକୁ 'ଷ୍ଟାର୍ଟଅପ୍ ଓଡ଼ିଶା' ଅଧୀନରେ ସମସ୍ତ ପ୍ରକାର ପ୍ରୋତ୍ସାହନ ପ୍ରଦାନ କରାଯାଉଛି। ନିକଟରେ ଓଡ଼ିଶା ସରକାର ୫୦ଟି ଟେକ୍ ଡୋମେନ୍ ଷ୍ଟାର୍ଟଅପ୍‌କୁ ମାନ୍ୟତା ପ୍ରଦାନ କରିଥିବା ବେଳେ ଏହି ସଂଖ୍ୟାକୁ ଆହୁରି ବୃଦ୍ଧି କରିବାକୁ କର୍ଣାଟକ, ଗୋଆ ଓ ତେଲେଙ୍ଗାନା ସରକାରଙ୍କ ଭଳି ରାଜ୍ୟ ସରକାର ଗୁଗଲ ସହ ଏକ ସହବନ୍ଧିତା କରିଛନ୍ତି। ରାଜ୍ୟରେ ଆଇଟି ଶିଳ୍ପ କ୍ଷେତ୍ରରେ ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ସାଙ୍ଗକୁ ଲୋକଙ୍କ ଆର୍ଥିକ ଅବସ୍ଥାରେ ଉନ୍ନତି ଆଣିବା ଏହାର ପ୍ରମୁଖ ଉଦ୍ଦେଶ୍ୟ ରହିଛି। ସେହିଭଳି ଦେଶ ଅର୍ଥନୀତିର ଏକ ପ୍ରମୁଖ ମେରୁଦଣ୍ଡ ପାଲଟିଥିବା ଆଇଟି ଇଣ୍ଡଷ୍ଟ୍ରିକୁ ଓଡ଼ିଶା ଅର୍ଥନୀତିର ମେରୁଦଣ୍ଡ କରିବା ମଧ୍ୟ ଏହାର ଆଉଏକ ଉଦ୍ଦେଶ୍ୟ ରହିଛି।

## 'ଟେମ୍ପୁଲ୍ ସିଟି'ରୁ 'ମଡେଲ୍ ସ୍ମାର୍ଟ ସିଟି' ବ୍ରାଣ୍ଡ୍

ଦେଶର ଟେମ୍ପୁଲ୍ ସିଟି ଭାବେ ଜଣାଶୁଣା ଭୁବନେଶ୍ୱର ଏବେ ଏକ ନୂଆ ଅବତାରରେ ଅବତୀର୍ଣ୍ଣ ହୋଇଛି। ମଡେଲ୍ ସ୍ମାର୍ଟ ସିଟି ବ୍ରାଣ୍ଡ୍ ସହରକୁ ନୂଆ ପରିଚୟ ଦେଇଛି। ସ୍ମାର୍ଟ ସିଟି ଚ୍ୟାଲେଞ୍ଜ୍‌ରେ ଏକ ନମ୍ବର ସ୍ଥାନରେ ଥିବା ଭୁବନେଶ୍ୱର ବିଶ୍ୱବ୍ୟାଙ୍କ୍‌ର 'ଇଜ୍ ଅଫ୍ ଡୁଇଙ୍ଗ୍ ବିଜ୍‌ନେସ୍' ତାଲିକାର ଶ୍ରେଷ୍ଠ ୫ ମଧ୍ୟରେ ରହିଛି। ପୁଞ୍ଜିନିବେଶ ଏବଂ ବ୍ୟବସାୟ ପାଇଁ ଭୁବନେଶ୍ୱରକୁ ଦେଶର ମଡେଲ ସ୍ମାର୍ଟ ସିଟି ଭାବେ ପ୍ରସ୍ତୁତ କରାଯାଉଥିବାବେଳେ ସହରବାସୀଙ୍କୁ କମନ୍ ପେମେଣ୍ଟ କାର୍ଡ, ଇଣ୍ଟେଲିଜେଣ୍ଟ ଟ୍ରାଫିକ୍ କଣ୍ଟ୍ରୋଲ ସିଷ୍ଟମ୍ ଭଳି ସ୍ମାର୍ଟ ସଲ୍ୟୁଶନ ପ୍ରକଳ୍ପ କରାଯାଉଛି। ୭୪୦ କୋଟି ଟଙ୍କା ବ୍ୟୟ ଆକଳନରେ ସମଗ୍ର ସହରକୁ ୱାଇଫାଇ କରିବାକୁ ମଧ୍ୟ ବ୍ୟବସ୍ଥା ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ ୩ଟି ମୁଖ୍ୟ କରିଡର୍ ବିମାନବନ୍ଦରରୁ ଆଚାର୍ଯ୍ୟ ବିହାର, ରାଜଭବନରୁ ପଟିଆ ଛକ ଏବଂ ଜନପଥକୁ ୱାଇଫାଇ ଜୋନ୍ କରାଯିବାପରେ ସହରର ୬୦୦ ସ୍ଥାନରେ ୱାଇଫାଇ ଆକ୍ସେସ ପଏଣ୍ଟ ସ୍ଥାପନ କରିବାକୁ ଲକ୍ଷ୍ୟ ରହିଛି। ସେହିଭଳି ଟେଲି ଯୋଗାଯୋଗ ବ୍ୟବସ୍ଥା ସୁଧାରିବାକୁ ଟେଲିକମ୍ ପଲିସି ଆଣିବାକୁ ରାଜ୍ୟ ସରକାର ଯୋଜନା କରିଛନ୍ତି। ବିମାନବନ୍ଦରରୁ ମାତ୍ର ଅଳ୍ପକିଛି ଦୂରତା ମଧ୍ୟରେ ରେସିଡେନ୍ସିଆଲ ଏବଂ କମର୍ସିଆଲ କମ୍ପ୍ଲେକ୍ସକୁ ନେଇ ଖୁବ୍‌ଶୀଘ୍ର ଏକ 'ଇନ୍‌ଫୋ ଭ୍ୟାଲି' ପ୍ରତିଷ୍ଠା କରିବାକୁ ମଧ୍ୟ ଯୋଜନା ରହିଛି। ପଟିଆ ଅଞ୍ଚଳ ଏବେ ଦେଶ, ବିଦେଶର ପ୍ରମୁଖ ଆଇଟି କମ୍ପାନୀମାନଙ୍କ ଘର ପାଲଟିଛି। ସହରର ରିଟେଲ୍ କଲ୍‌ଚର, ଷ୍ଟାର୍ଟଅପ୍ କଲ୍‌ଚର, ରେଷ୍ଟୁରାଣ୍ଟ ଓ କ୍ୟାଫେ କଲ୍‌ଚର୍ ଆଦି ଦିନକୁ ଦିନ ବ୍ୟାପକ ହେଉଥିବା ବେଳେ ଏହା ଟେକ୍-ଷ୍ଟାର୍ଟଅପ୍ କଲ୍‌ଚରକୁ ବ୍ୟାପକ କରାଉଛି ଏବଂ ଅଧିକରୁ ଅଧିକ ଯୁବପିଢ଼ିଙ୍କୁ ଆକୃଷ୍ଟ କରୁଛି। ଏହାକୁ ନଜରରେ ରଖି ୨୦୨୦ ସୁଦ୍ଧା ଭୁବନେଶ୍ୱରକୁ ଦେଶର ପ୍ରମୁଖ ୩ ଟେକ୍ ହବ୍ ସହର ମଧ୍ୟରେ ସାମିଲ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି।

ରିପୋର୍ଟ: ସସ୍ମିତା ପାଇକରାୟ
ଫଟୋ: ବିକାଶ ନାୟକ






## ଓଡ଼ିଶାରେ ଏନ୍‌ଆଇସିର ୪ର୍ଥ ଡାଟା ସେଣ୍ଟର

କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ନ୍ୟାଶନାଲ ଡାଟା ସେଣ୍ଟର(ଏନ୍‌ଆଇସି) ପୂର୍ବ ଭାରତରେ ପ୍ରଥମ କରି ଭୁବନେଶ୍ୱରରେ ଖୋଲିଛି ଡାଟା ସେଣ୍ଟର। ଏହା ହେଉଛି ଏନ୍‌ଆଇସିର ୪ର୍ଥ ଡାଟା ସେଣ୍ଟର। ଏହାପୂର୍ବରୁ ନୂଆଦିଲ୍ଲୀ, ହାଇଦ୍ରାବାଦ ଏବଂ ପୁଣେରେ ଖୋଲାଯାଇଛି। ୩୫ ହଜାର ଭର୍ଚୁଆଲ ସର୍ଭରକୁ ସପୋର୍ଟ ଦେବାର କ୍ଷମତା ରଖିଥିବା ଭୁବନେଶ୍ୱରର ଏହି ଡାଟା ସେଣ୍ଟର ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଇ-ଗଭର୍ନାନ୍ସ ଆପ୍ଲିକେଶନ ପାଇଁ କାମ କରିବ। ଏହି ବିଶ୍ୱସ୍ତରୀୟ ଡାଟା ସେଣ୍ଟର ଓଡ଼ିଶାକୁ ଡିଜିଟାଲ କ୍ଷେତ୍ରରେ ଆଉପାଦେ ଆଗକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏହାସହ ଡିଜିଟାଲ ଉଦ୍ୟୋଗ, ପ୍ରଯୁକ୍ତିବିଦ୍ୟା, ଡିଜିଟାଲ ଗଭର୍ନାନ୍ସ କ୍ଷେତ୍ରରେ ଏହା ୮୦୦ରୁ ଊର୍ଦ୍ଧ୍ୱ ନିଯୁକ୍ତି ସୁଯୋଗ ସୃଷ୍ଟିକରିଥିବା ବେଳେ ଏଥିରେ ୩୫୫ ଜଣ ସାଇବର ସିକ୍ୟୁରିଟି ପ୍ରଫେଶନାଲ କାମ କରିବେ।

## ଖାଦ୍ୟ ରୁଚି



# ‘ସବ୍‌ଜି ଖଜାନା’

ସବୁଜ ପନିପରିବା ଖାଇବା ସାଧାରଣତଃ ସ୍ୱାସ୍ଥ୍ୟ ପାଇଁ ହିତକର ହୋଇଥାଏ। ପୁଣି ଏଥିରେ ନୂଆ ନୂଆ ଡିସ୍ ପ୍ରସ୍ତୁତ କରାଯାଇ ଯେ କୌଣସି ବାରରେ ମଧ ଖିଆଯାଇପାରେ। ନିରାମିଷ ଖାଦ୍ୟ ଖାଇବାକୁ ଭଲ ପାଉଥିବା ବ୍ୟକ୍ତିଙ୍କ ପସନ୍ଦକୁ ଦୃଷ୍ଟିରେ ରଖି ଏଥର ଖାଦ୍ୟରୁଚି ସ୍ତମ୍ଭରେ ସ୍ଥାନ ପାଇଛି ଏକ ନୂଆ ଡିସ୍ ‘ସବ୍‌ଜି ଖଜାନା’। ଏହାର ପ୍ରସ୍ତୁତି ପ୍ରଣାଳୀ ସମ୍ପର୍କରେ ଜଣାଇଛନ୍ତି ମାଲ୍‌ୱା ରେଷ୍ଟୁରାଣ୍ଟର ସେଫ୍ ଜିତେନ୍।



ଜିତେନ୍

## ଆବଶ୍ୟକ ସାମଗ୍ରୀ

- ଛୋଟ ଛୋଟ କଟା ହୋଇଥିବା ଗାଜର ୧୫ ଗ୍ରାମ୍
- ଛୋଟ ଛୋଟ କଟା ବିନ୍ ୧୫ ଗ୍ରାମ୍
- ମଟର ଛୁଇଁ ୧୫ ଗ୍ରାମ୍
- ପନିର ୨୦ ଗ୍ରାମ୍
- ମକା ମଞ୍ଜି ୧୫ ଗ୍ରାମ୍
- ଛୋଟ ଛୋଟ କଟା ବେବିକର୍ନ ୧୦ ଗ୍ରାମ୍
- ଛୋଟ ଛୋଟ କଟା ଗ୍ରୀନ୍ କାପ୍‌ସିକମ୍ ୧୫ ଗ୍ରାମ୍
- ରିଫାଇନ୍ ତେଲ ୧ ଚାମଚ
- କଟା ରସୁଣ ୧ ଚାମଚ
- ପିଆଜ ୧ଟି
- ହଳଦୀ ଗୁଣ୍ଡ ୧୦ ଗ୍ରାମ୍
- ଲଙ୍କା ଗୁଣ୍ଡ ୧୦ ଗ୍ରାମ୍
- କଟା ଟମାଟୋ ୧ଟି
- କାଜୁ ପେଷ୍ଟ ୫୦ ଗ୍ରାମ୍
- ଜିରା ଗୁଣ୍ଡ ୧ ଚାମଚ୍
- ଗରମ ମସଲା ଗୁଣ୍ଡ ୧ ଚାମଚ
- ଚିନି ଦେଢ ଚାମଚ
- କ୍ଷୀର ୫୦ ଗ୍ରାମ୍
- ଆବଶ୍ୟକ ଅନୁଯାୟୀ ଲୁଣ

## ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ କଡେଇରେ ଅଳ୍ପ ରିଫାଇନ୍ ତେଲ ପକାଇବେ। ତେଲ ଗରମ ହେବାପରେ ସେଥିରେ ପିଆଜ, ରସୁଣ ପକାଇ ହାଲ୍‌କା ଭାଜିବେ। ତା’ପରେ ସେଥିରେ କଟା ହୋଇ ରହିଥିବା ଗାଜର, ବିନ୍, ବେବିକର୍ନ, କ୍ୟାପସିକମ୍, ମଟରଛୁଇଁ, ମକାମଞ୍ଜି ପକାଇ ଭାଜିବେ। ଏବେ ସେଥିରେ କଟା ଟମାଟୋ, ପନିର ପକାଇବେ। ଏହାପରେ ଜିରା ଗୁଣ୍ଡ, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ ଏବଂ ଆବଶ୍ୟକ ଅନୁଯାୟୀ ଲୁଣ ପକାଇ ଭଲଭାବେ ଗୋଳାଇବେ। କିଛି ସମୟ ପରେ ସେଥିରେ ଚିନି, କାଜୁ ପେଷ୍ଟ ପକାଇ ଘାଣ୍ଟିଦେବେ। ପରେ କ୍ଷୀର ପକାଇ କିଛି ସମୟ ଫୁଟିବା ପାଇଁ ଛାଡିଦେବେ। ଶେଷରେ ଗରମ ମସଲା ପକାଇ ଏକ ପାତ୍ରକୁ କାଢି ଆଣନ୍ତୁ। ପ୍ରସ୍ତୁତ ହୋଇଗଲା ‘ସବ୍‌ଜି ଖଜାନା’।

– ରିପୋର୍ଟ: ବନ୍ଦନା ସେଠୀ

# ପୋଲିସ ମାଡ଼ରୁ ବଞ୍ଚିବାକୁ ତାଜାରେ ଓହଳି ରହିଥିଲି

## ମୋ ଅନୁଭୂତି

ହସିବାକୁ ଆମ ସମସ୍ତଙ୍କୁ ଭଲ ଲାଗେ ଏବଂ ଏହା ଅତି ସହଜ ମଧ। ମାତ୍ର କାହାକୁ ହସାଇବା ବଡ କଷ୍ଟକର କାମ। ଅନ୍ୟକୁ ହସାଇବାର ଝୁଙ୍କ୍ ଆଜି ତାଙ୍କୁ ଜଣେ ହାସ୍ୟ ଅଭିନେତା ଭାବେ ପରିଚୟ ଦେଇଛି। ସେ ହେଉଛନ୍ତି ପ୍ରଜ୍ଞାରଞ୍ଜନ ଖଟୁଆ। ଅନ୍ୟକୁ ହସାଇବାର ନିଶା ଆଜି ତାଙ୍କର ପେସା ପାଲଟିଛି। ବାପା ଅନନ୍ତ ଚରଣ ଖଟୁଆ ଥିଲେ ଜଣେ ମଞ୍ଚ ଅଭିନେତା ତଥା ନାଟ୍ୟ ନିର୍ଦ୍ଦେଶକ। ଏହାର ପ୍ରଭାବ ତାଙ୍କ ଉପରେ ଛୋଟବେଳୁ ପଡ଼ିଥିଲା। ଦ୍ୱିତୀୟ ଶ୍ରେଣୀରେ ପଢିବା ବେଳେ ଗାଁରେ ପରିବେଷିତ ହୋଇଥିବା ବାପାଙ୍କ ନିର୍ଦ୍ଦେଶିତ ଗୀତିନାଟ୍ୟ ‘ପ୍ରଭାସ ଯଜ୍ଞ’ରେ ଶ୍ରୀକୃଷ୍ଣ ଭୂମିକାରେ ସେ ଅବତୀର୍ଣ୍ଣ ହୋଇଥିଲେ। ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ପଢିବା ସମୟରେ କେତେକ ନାଟକରେ ବଳିଷ୍ଠ ଅଭିନୟ ଯୋଗୁ ତାଙ୍କୁ ‘ଜନନୀ ସୁରକ୍ଷା’ର ବିଜ୍ଞାପନରେ କାମ କରିବାର ସୁଯୋଗ ମିଳିଥିଲା। ଏହାପରେ ଟେଲିଭିଜନ ଦୁନିଆରେ ସେ ପ୍ରବେଶ କରିଥିଲେ। ‘ସଲାମ ସିନେମା’ରେ ପ୍ରଥମ କରି ବଡ଼ ପରଦାକୁ ଆସିଥିଲେ। ଏହାପରେ ସେ ଗୋଟିଏ ପରେ ଗୋଟିଏ ସଫଳତାର ପଥ ଅତିକ୍ରାନ୍ତ କରି ଦର୍ଶକଙ୍କ ହୃଦୟରେ ସ୍ଥାନ ସୃଷ୍ଟି କରିପାରିଛନ୍ତି। ହେଲେ ଆମକୁ ଜଣାଇଛନ୍ତି ତାଙ୍କ ଜୀବନର ଏକ ଅଭୁଲା ସ୍ମୃତି।

୨୦୦୮ର କଥା। ସେତେବେଳକୁ ମୁଁ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ପଢୁଥାଏ। ମହାବିଦ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ବଲିଉଡ୍ ଗାୟିକା ଶ୍ରେୟା ଘୋଷାଲ୍ ଆସିଥାନ୍ତି। ତେବେ ଆୟୋଜକମାନେ ଗୋଟିଏ ଟିକେଟ୍‌କୁ ୫୦୦ରୁ ୬୦୦ଟଙ୍କା ରଖିଥାନ୍ତି। ସେତେବେଳେ ଆମର ଷ୍ଟ୍ରଗଲ ସମୟ। ମୋ ପାଖରେ ମାସ ସାରା ମାତ୍ର ୧ଟଙ୍କା ବା ଅତିବେଶିରେ ୨ଟଙ୍କା ରହିଥାଏ। ତେଣୁ ଟିକେଟ କିଣି କାର୍ଯ୍ୟକ୍ରମକୁ ଉପଭୋଗ କରିବା ମୋ ପାଇଁ କଷ୍ଟକର ଥିଲା। ଏହି ମହାବିଦ୍ୟାଳୟର ଛାତ୍ର ବୋଲି କହି ଆଇକାର୍ଡ ଦେଖାଇବା ସତ୍ତ୍ୱେ ମୁଁ ଏବଂ ମୋର କେତେଜଣ ସାଙ୍ଗଙ୍କୁ ଆୟୋଜକମାନେ ଭିତରକୁ ଛାଡିଲେ ନାହିଁ। କଲେଜ ଛାତ ଉପରୁ ଷ୍ଟେଜ୍ ପୂରା ଦେଖାଯାଉଥାଏ। ତେଣୁ ବାଧ୍ୟ ହୋଇ ଆମେ ସାଙ୍ଗମାନେ କଲେଜ ଛାତ ଉପରକୁ ଚଢିଲୁ। ଶ୍ରେୟା ଘୋଷାଲ ଗୀତ ଗାଇବା ବେଳେ ଦର୍ଶକମାନେ ପାଟିକରି ଚିଲ୍ଲାଉଥାନ୍ତି। ତାଙ୍କ ଦେଖାଦେଖି ମୁଁ ବି ଚିଲ୍ଲେଇବା ଆରମ୍ଭ କରିଦେଲି। ଏମିତିକି ଶ୍ରେୟା ଆଇ ଲଭ୍ ୟୁ ବୋଲି ବଡ଼ ପାଟିରେ କହୁଥାଏ। ଅତ୍ୟଧିକ ପାଟି କରିବା ପରେ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ କର୍ମଚାରୀମାନେ ଦୌଡି ଆସିଲେ। ସାଙ୍ଗମାନେ ପୋଲିସ ଭୟରେ ଯିଏ ଯୁଆଡେ ପାଇଲେ ଦୌଡ଼ିଲେ। କିଏ ଗଛକୁ ଡେଇଁ ଯାଉଥିଲାବେଳେ ଆଉ କେହି ଛାତ ଡେଇଁ ପଳାଉଥାନ୍ତି। ଆଉ ଯିଏ ହାବୁଡ଼ରେ ପଡିଲା ପୋଲିସଠୁ ମାଡ଼ ଖାଇଲା। ମୁଁ କେମିତି ଯିବି ଭାବି ଭାବି ଛାତରୁ ତାଜା ବାଟେ ଆସି ସେହି ତାଜାକୁ ଧରି ଓହଳି ପଡ଼ିଲି। ଯଦି ତାଜାରୁ ହାତ ଖସେ, ତେବେ ତଳେ ପଡିବି, ଆଉ ପୋଲିସଠାରୁ ମାଡ଼ ଖାଇବି। ବହୁ କଷ୍ଟରେ ତାଜାରେ ଓହଳିବା ପରେ ସେହି ବାଟେ ପୁଣି ଛାତ ଉପରକୁ ଉଠି ପଳାଇଲି। ସେତେବେଳକୁ ପୋଲିସ ଛାତ ଉପରୁ ପଳାଇ ଯାଇଥିଲା। କିଛି ସମୟ ଛାତରେ ବସିବା ପରେ ତଳକୁ ଓହ୍ଲାଇ ସୁନା ପିଲା ଭଳି ରୁମ୍‌କୁ ପଳାଇଲି।

– ରିପୋର୍ଟ: ବନ୍ଦନା ସେଠୀ




ହାସ୍ୟ ଅଭିନେତା: ପ୍ରଜ୍ଞାରଞ୍ଜନ ଖଟୁଆ

ଜନ୍ମ: ଅକ୍ଟୋବର ୧୦, ୧୯୮୫

ବର୍ତ୍ତମାନ ଠିକଣା: ଭୁବନେଶ୍ୱର

ସଫଳତା: ୪୦ରୁ ଊର୍ଦ୍ଧ୍ୱ ସିନେମାରେ ଅଭିନୟ, ଏକାଧିକ ନାଟକ, ଲୋକ ନକଲି କଥା ଅସଲି, ସିଆଇଡି ଭଳି ଏକାଧିକ କମେଡି ଧାରାବାହିକରେ ଅଭିନୟ, ଡବିଂ ଏବଂ ମିମିକ୍ରି ଆର୍ଟିଷ୍ଟ। ରିଲିଜ୍ ଅପେକ୍ଷାରେ ଚଳଚ୍ଚିତ୍ର ‘ନିମ୍‌କି’ ଏବଂ ଆଗାମୀ କମେଡି ଧାରାବାହିକ ମିଷ୍ଟର ନନ୍‌ସେନ୍ସ, ନ୍ୟୁଜ୍‌ରୁମ୍ ତାମ୍‌ସା।

# ସେ ଲ୍ ଫି କ ର୍ନ ର

**ସେଲ୍‌ଫି ଉଠାନ୍ତୁ, ଆମ ପାଖକୁ ପଠାନ୍ତୁ**

rgdselfie@gmail.com
(ବଛା ବଛା ସେଲ୍‌ଫି ପ୍ରକାଶ ପାଇବ)



@ ମୁକ୍ତିକାନ୍ତ



@ ବିଭୂତି




@ ଜିତେନ



@ ସୁବାସ



@ ବିକ୍ରମ




@ ଦିଲ୍ଲୀପ



@ ପର୍ଶୁରାମ



@ ଦିବ୍ୟରଞ୍ଜନ



@ ଲିଟୁ



@ ଦେବାଶିଷ



@ ସୌମ୍ୟ



@ ସୌଭେନ୍ଦ୍ର



@ ପବିତ୍ର



@ ପଲ୍ଲବୀ



@ ଲିମା





# ବିଶ୍ୱାସର ପୀଠ
# ପଞ୍ଚମା ସିଦ୍ଧ ବିନାୟକ

ଗଞ୍ଜାମ ଜିଲାର ଏକ ପ୍ରସିଦ୍ଧ ପୀଠ ହେଉଛି ପଞ୍ଚମା ଶ୍ରୀ ସିଦ୍ଧ ବିନାୟକ ପୀଠ। କୁହାଯାଏ, ଏଠାକୁ ଆସି ମନସ୍କାମନା ରଖିଥିବା ବ୍ୟକ୍ତି ସଫଳତା ପାଇଥାଏ। ବିଶ୍ୱାସ ରହିଛି ଯେ, ଆତ୍ମବିଶ୍ୱାସର ଦେବତା ହେଉଛନ୍ତି ଶ୍ରୀ ସିଦ୍ଧ ବିନାୟକ। ଆଉ ଏଥିପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଭକ୍ତମାନେ ବିଭିନ୍ନ ମନସ୍କାମନା ରଖି ଆସିଥାନ୍ତି ଏଠାକୁ। ଯେ କୌଣସି ବ୍ୟକ୍ତି ନିଜର ପ୍ରଥମ କାର୍ଯ୍ୟାରମ୍ଭ ସମୟରେ ଏଠାକୁ ଆସି ଶ୍ରୀ ସିଦ୍ଧ ବିନାୟକଙ୍କ ନିକଟରେ ମାନସିକ ରଖି ପୂଜାର୍ଚ୍ଚନା କରିଥାନ୍ତି। ବିଶେଷକରି ଭାଦ୍ରବ ଶୁକ୍ଳ ପକ୍ଷ ଚତୁର୍ଥୀ ତିଥୀରେ ଶ୍ରୀ ସିଦ୍ଧ ବିନାୟକଙ୍କ ପୀଠରେ ମହାଆଡମ୍ବରରେ ପୂଜାର୍ଚ୍ଚନା ହୋଇଥାଏ। ସେହି ଦିନ ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥାଏ। ଏଥିପାଇଁ ଜିଲା ପ୍ରଶାସନ, ମନ୍ଦିର ପରିଚାଳନା କମିଟି ଏବଂ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥାଏ। ଏତଦ୍‌ବ୍ୟତୀତ ପ୍ରତ୍ୟେକ ସପ୍ତାହର ବୁଧବାର ଓ ରବିବାର ଏବଂ ପ୍ରତ୍ୟେକ ମାସର ସଂକ୍ରାନ୍ତି ଓ ଶୁକ୍ଳ ପକ୍ଷ ଚତୁର୍ଥୀ ତିଥିରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥାଏ। ଏହି ଦିନ ମଧ୍ୟ ଆଖପାଖ ଅଞ୍ଚଳର ବହୁ ଭକ୍ତଙ୍କ ଭିଡ଼ ଜମୁଥିବା ବେଳେ ବର୍ଷ ତମାମ୍ ଏହି ପୀଠକୁ ଦେଶର ବିଭିନ୍ନ କୋଣ ଅନୁକୋଣରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥାଏ।

ଏହି ପୀଠ ସହିତ ଜଗନ୍ନାଥ ସଂସ୍କୃତି ଏବଂ ପଦ୍ମାବତୀଙ୍କ ସମେତ ପଞ୍ଚୁପାଣ୍ଡବଙ୍କ ସହିତ ସମ୍ପର୍କ ରହିଥିବା କିମ୍ବଦନ୍ତୀରୁ ଜଣାପଡ଼ିଛି। କୁହାଯାଏ, ରାଜା ପୁରୁଷୋତ୍ତମ ଦେବ ଶିକାର କରିବାକୁ ଯାଇଥିବା ସମୟରେ କାଞ୍ଚି ରାଜ୍ୟର ରାଜକୁମାରୀ ପଦ୍ମାବତୀଙ୍କ ସହିତ ସାକ୍ଷାତ୍ ହୋଇଥିଲା। ପ୍ରଥମ ଦେଖାରେ ରାଜା ପୁରୁଷୋତ୍ତମ ରାଜକୁମାରୀ ପଦ୍ମାବତୀଙ୍କୁ ଭଲପାଇ ବସିଲେ। ପରବର୍ତ୍ତୀ ସମୟରେ ଯେତେବେଳେ କାଞ୍ଚି ରାଜାଙ୍କ ନିକଟକୁ ବିବାହ ପ୍ରସ୍ତାବ ପଠାଇଲେ ପଦ୍ମାବତୀଙ୍କ ବାପା ତଥା କାଞ୍ଚି ରାଜା ପ୍ରତ୍ୟାଖ୍ୟାନ କରିଥିଲେ। ମହାରାଜା ପୁରୁଷୋତ୍ତମ ଦେବ ରଥଯାତ୍ରା ସମୟରେ ଛେରାପହଁରା କରୁଥିବାରୁ କାଞ୍ଚି ରାଜା ଝାଡୁଦାର ବୋଲି କହି ଅପମାନିତ କରିଥିଲେ। ନିଜର ଦେବତା ଶ୍ରୀଜଗନ୍ନାଥଙ୍କୁ ଅପମାନ ହୋଇଥିବା ହୃଦଙ୍ଗମ କରି ପୁରୁଷୋତ୍ତମ ଦେବ କାଞ୍ଚି ରାଜାଙ୍କ ସହିତ ଯୁଦ୍ଧ କରିବା ପାଇଁ ପ୍ରସ୍ତାବ ଦେଲେ। ଯୁଦ୍ଧ ପାଇଁ ଧାର୍ଯ୍ୟ ହେବା ପରେ ଯୁଦ୍ଧ ଆରମ୍ଭ ହେଲା। କ୍ରମାଗତ ଦୁଇ ଦୁଇ ଥର ଯୁଦ୍ଧରେ ପରାସ୍ତ ହେବା ପରେ ପୁରୁଷୋତ୍ତମ ଦେବ ମ୍ରିୟମାଣ ହେବା ସହିତ ପଦ୍ମାବତୀଙ୍କୁ ପାଇବା ଏବଂ ନିଜ ଦେବତାଙ୍କୁ ଅପମାନର ପ୍ରତିଶୋଧ ନେଇପାରିଲେନି ବୋଲି ନିରାଶ ହୋଇ ଶ୍ରୀ ଜଗନ୍ନାଥଙ୍କ ଶରଣାପନ୍ନ ହୋଇ ଗୁହାରି ଜଣାଇଥିଲେ। କାଞ୍ଚି ରାଜାଙ୍କୁ ପରାସ୍ତ କରିବାକୁ ହେଲେ କାଞ୍ଚି ରାଜ୍ୟର ଅଧିପତି ଶ୍ରୀ ଗଣେଶଙ୍କ ଶରଣାପନ୍ନ ହେବା ପାଇଁ ଶ୍ରୀ ଜଗନ୍ନାଥ ପୁରୁଷୋତ୍ତମଙ୍କୁ ସ୍ୱପ୍ନାଦେଶ ଦେଇଥିଲେ। ରାଜା ପୁଣି ଥରେ ଯୁଦ୍ଧ ପାଇଁ ଆହ୍ୱାନ ଦେଇ ନିଜର ସୈନ୍ୟ ସାମନ୍ତ ନେଇ କାଞ୍ଚି ରାଜ୍ୟ ପ୍ରାରମ୍ଭରେ ରହିଥିବା ଘୋର ଅରଣ୍ୟ ମଧ୍ୟରେ ଶ୍ରୀ ସମ୍ପଦ ବିନାୟକଙ୍କୁ ଖୋଜିଥିଲେ। ପରେ ଏକ ବଟ ଏବଂ ଅଶ୍ୱତ୍ଥ ମିଳିତ ବୃକ୍ଷମୂଳରେ ରହିଥିବା କୋରଡ଼ରେ ଗୋଟିଏ ମୂଷା ଏବଂ ସାପ ମିଳିତ ଭାବେ ରହିଥିବା ଦେଖି ଦେବତାଙ୍କ ପ୍ରତୀକ ଭାବେ ଭାବି ପୂଜାର୍ଚ୍ଚନା କରିଥିଲେ। ଏହା ପରେ ସୈନ୍ୟ ସାମନ୍ତ ନେଇ ଯୁଦ୍ଧ କରିଥିଲେ। ଯୁଦ୍ଧରେ କାଞ୍ଚି ରାଜାଙ୍କୁ ପରାସ୍ତ କରି ରାଜକନ୍ୟା ପଦ୍ମାବତୀଙ୍କୁ ସାଥିରେ ଆଣିଥିଲେ। ପଦ୍ମାବତୀ ଆସୁଥିବା ସମୟରେ ନିଜ ସାଥିରେ କାଞ୍ଚିର ସର୍ବଶ୍ରେଷ୍ଠ ଦେବତା ଶ୍ରୀଗଣେଶଙ୍କ ମୂର୍ତ୍ତି ଆଣିଥିଲେ। ଯାତ୍ରା ସମୟରେ ପଞ୍ଚମା ନିକଟରେ ବିଶ୍ରାମ କରିବା ପାଇଁ ପ୍ରଭୁଙ୍କୁ ଆଜ୍ଞାଦେଶ ମାଗିବା ପରେ ବିଶ୍ରାମ ନେଇଥିଲେ।



**ମହାରାଜା ପୁରୁଷୋତ୍ତମ ଦେବ ଦୁଇ ଥର କାଞ୍ଚି ରାଜାଙ୍କଠାରୁ ପରାସ୍ତ ହେବା ପରେ ତୃତୀୟ ଥର ଜଗତର ନାଥ ଜଗନ୍ନାଥଙ୍କୁ ସ୍ମରଣ କରି ଅଧିଆ ପଡିଥିଲେ। ସେତେବେଳେ ରାଜା ବିଜୟୀ ହେବାକୁ ହେଲେ କାଞ୍ଚି ଅଧିପତି ଶ୍ରୀଗଣେଶଙ୍କ ଶରଣାପନ୍ନ ହେବାକୁ ପଡ଼ିବ ବୋଲି ଶ୍ରୀଜଗନ୍ନାଥ ସ୍ୱପ୍ନାଦେଶ ଦେଇଥିଲେ। ପଞ୍ଚମା ଶ୍ରୀ ସମ୍ପଦ ବିନାୟକଙ୍କୁ ପୂଜାର୍ଚ୍ଚନା କରି ତାଙ୍କ ଆଜ୍ଞା ପାଇବା ପରେ କାଞ୍ଚି ବିଜୟ ଲାଭ କରି ନିଜର ପ୍ରେମିକା ପଦ୍ମାବତୀଙ୍କୁ ପାଇଥିଲେ। ପଦ୍ମାବତୀ ରାଜାଙ୍କ ସହିତ ଆସୁଥିବା ବେଳେ ନିଜ ସହିତ କାଞ୍ଚି ଅଧିପତି ଗଣେଶଙ୍କ ମୂର୍ତ୍ତିକୁ ନେଇ ଆସିଥିଲେ। ମୂର୍ତ୍ତି ଗର୍ଭରେ ଶ୍ରୀଗଣେଶଙ୍କ ବ୍ରହ୍ମ ଥିଲା। ହେଲେ ଫେରୁଥିବା ରାସ୍ତାରେ ପଞ୍ଚମାରେ ବିଶ୍ରାମ ନେବା ସମୟରେ ଏହି ମୂର୍ତ୍ତିରୁ ଗଣେଶଙ୍କ ବ୍ରହ୍ମ ଶ୍ରୀ ସମ୍ପଦ ବିନାୟକଙ୍କଠାରେ ପାତାଳି ହୋଇଯାଇଥିଲା। ରାଜାଙ୍କୁ ସ୍ୱପ୍ନାଦେଶ ହେବା ପରେ ପୁରୀରୁ ପଦ୍ମାବତୀଙ୍କୁ ନେଇ ପଞ୍ଚମାରେ ଶ୍ରୀ ସିଦ୍ଧ ବିନାୟକଙ୍କ ମନ୍ଦିର ତୋଳିଥିଲେ ବୋଲି କିମ୍ବଦନ୍ତୀ ରହିଛି।**

– ରିପୋର୍ଟ: ବ୍ରହ୍ମପୁରରୁ ସମୀରକାନ୍ତ ତ୍ରିପାଠୀ
ଏବଂ ଗୋପାଳପୁରରୁ ନବୀନ ରାଜ୍ ଆଚାରୀ





## ନିଜ କଥା

### ପ୍ରଫେସର ଡ. ସଂଗୀତା ରଥ

# ଗାୟିକା ହେବାକୁ ଚାହୁଁଥିଲି

**ପ୍ରଫେସର ଡ. ସଂଗୀତା ରଥ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟର କାଉନ୍‌ସିଲ ଅଫ ଡିନ୍‌ର ଅଧକ୍ଷା ତଥା ମନସ୍ତତ୍ତ୍ୱ ବିଭାଗର ବରିଷ୍ଠ ପ୍ରଫେସର। ୧୯୬୦ ସେପ୍ଟେମ୍ବର ୧ରେ କଟକ ସାମନ୍ତସାହି ଅଞ୍ଚଳରେ ଜନ୍ମଗ୍ରହଣ କରିଥିବା ଏହି ମହିଳା ପ୍ରତିଭା ଜଣକ ୧୯୭୫ରେ ମାଟ୍ରିକ ପାସ୍ କରିବା ପରେ ରାଜ୍ୟ ପାଇଁ ଗୌରବ ଆଣିଥିଲେ। ୧୯୭୯ରେ ମନସ୍ତତ୍ତ୍ୱ ବିଭାଗରେ ସ୍ନାତକ ଓ ୧୯୮୧ରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ନାତକୋତ୍ତର ଭାବେ ସ୍ୱର୍ଣ୍ଣପଦକ ଲାଭ କରିଥିଲେ। ପିଲାଦିନରୁ ସଙ୍ଗୀତକୁ ଭଲ ପାଉଥିବା ସଂଗୀତା ଜଣେ କଣ୍ଠଶିଳ୍ପୀ ହେବାକୁ ଇଚ୍ଛା ରଖିଥିଲେ। ୧୫ ବର୍ଷ ବୟସ ପର୍ଯ୍ୟନ୍ତ ଆକାଶବାଣୀ ଓ ବିଭିନ୍ନ ଅର୍କେଷ୍ଟ୍ରାରେ କଣ୍ଠଦାନ କରି ଜଣେ ଲୋକପ୍ରିୟ କଣ୍ଠଶିଳ୍ପୀ ଭାବେ ମଧ ପ୍ରତିଷ୍ଠାଲାଭ କରିଥିଲେ। ହେଲେ ପରବର୍ତ୍ତୀ ସମୟରେ ସେ ସଙ୍ଗୀତ ଦୁନିଆରୁ ଦୂରେଇ ଯାଇ ଏବେ ଶିକ୍ଷାଦାନରେ ବ୍ୟସ୍ତ ଅଛନ୍ତି। ତାଙ୍କ ବ୍ୟକ୍ତିଗତ ଜୀବନ ସମ୍ପର୍କରେ ତାଙ୍କୁ ପଚରା ଯାଇଥିବା କେତୋଟି ପ୍ରଶ୍ନ।**

**ପ୍ରଥମ ଦରମାକୁ କିଭଳି ଖର୍ଚ୍ଚ କରିଥିଲେ?**

୧୯୯୦ ମସିହାରେ ଭଦ୍ରକ କଲେଜରେ ମନସ୍ତତ୍ତ୍ୱ ବିଭାଗରେ ଜଣେ ଅଧାପିକା ଭାବେ ଯୋଗ ଦେଇଥିଲି। ସେତେବେଳକୁ ମୋର ବାହାଘର ସରି ଯାଇଥିଲା। ତେଣୁ ପ୍ରଥମ ଦରମା ପରିବାର ପାଇଁ ଖର୍ଚ୍ଚ କରିଥିଲି।

**କେଉଁ ରଙ୍ଗ ପସନ୍ଦ?**

କଳାରଙ୍ଗ ମୋର ପସନ୍ଦ। ପିଲାଦିନେ ମୁଁ କଳା ପୋଷାକ ପିନ୍ଧିଥିବା ବେଳେ କେହିଜଣେ ପ୍ରଶଂସା କରିଥିବାରୁ ଏହି ରଙ୍ଗ ପ୍ରତି ମୋର ଦୁର୍ବଳତା ରହିଯାଇଛି।

**ସିନେମା ଦେଖନ୍ତି?**

–ସିନେମା ଦେଖିବାକୁ ମୁଁ ଭଲପାଏନି। କେତେବେଳେ କେମିତି ଟିଭିରେ ଦେଉଥିବା ସିନେମା ଉପରେ ଆଖି ପକାଇଥାଏ। କିନ୍ତୁ ଆରମ୍ଭରୁ ଶେଷ ନୁହେଁ।

**କ'ଣ ଖାଇବାକୁ ଭଲ ପାଆନ୍ତି?**

ନନ୍‌ଭେଜ ଖାଇବାକୁ ଭଲ ପାଏ ଓ ଭଲ ନନ୍‌ଭେଜ୍ ଖାଦ୍ୟ ପ୍ରସ୍ତୁତ ମଧ କରିପାରେ। ତେବେ ବଗିଚା ପ୍ରତି ମୋର ସ୍ୱତନ୍ତ୍ର ଦୁର୍ବଳତା ରହିଛି। ୧୫ ବର୍ଷ ଧରି ମୋ ବଗିଚା ଜିଲାରେ ବେଷ୍ଟ ଗାର୍ଡେନ ପ୍ରାଇଜ୍ ପାଇଛି।

**ମାର୍କେଟିଂ କରନ୍ତି?**

ମାର୍କେଟିଂ ପ୍ରତି ଆଗ୍ରହ ନ ଥାଏ। କେତେବେଳେ କେମିତି ବାଧ୍ୟରେ ଯାଇଥାଏ।

**ବହି ପଢ଼ନ୍ତି?**

ବହି ପଢିବା ମୋର ସଉକ। ଏବେ ଅମର୍ତ୍ତ୍ୟ ସେନ୍‌ଙ୍କ 'ଆଇଡେଣ୍ଟିଟି ଆଣ୍ଡ ଭାଓଲେନ୍ସ : ଦି ଇଲ୍ୟୁଜନ ଅଫ ଡେଷ୍ଟିନି' ବହି ପଢୁଛି। ତେବେ ଲେଖାଲେଖି କରିବାକୁ ଭଲପାଏ। ଇତିମଧ୍ୟରେ ୧୦ରୁ ଅଧିକ ଗପ ଓ ୧୦୦ରୁ ଅଧିକ ସ୍ତମ୍ଭ ପ୍ରକାଶିତ ହୋଇଛି।

**ସ୍ୱାମୀଙ୍କର କେଉଁ ଗୁଣ ଆପଣଙ୍କୁ ଭଲ ଲାଗେ?**

୧୯୮୪ରେ ପରିବାରର ନିଷ୍ପତ୍ତି କ୍ରମେ ମୁଁ ମାନସଙ୍କୁ ବିବାହ କରିଥିଲି। ବୃତ୍ତିରେ ସେ ଜଣେ ଇଞ୍ଜିନିୟର। ତେବେ ସେ ହେଉଛନ୍ତି ମୋର ପ୍ରେରଣାର ଉତ୍ସ। ବିଭିନ୍ନ କାମରେ ସେ ମୋତେ ସାହସ ଓ ପ୍ରେରଣା ଯୋଗାଇ ଦେଇଥାନ୍ତି।

**କେଉଁ ପୋଷାକ ଭଲ ଲାଗେ?**

ବିବାହ ପରେ ମୁଁ କେବେ ଡ୍ରେସ ପିନ୍ଧିନି। ସର୍ବଦା ଶାଢି ପିନ୍ଧିଥାଏ।

**ପସନ୍ଦର କଣ୍ଠଶିଳ୍ପୀ?**

ଅକ୍ଷୟ ମହାନ୍ତି, ତୃପ୍ତି ଦାସ ଓ ଲତା ମଙ୍ଗେସ୍‌କରଙ୍କ କଣ୍ଠସ୍ୱର ମୋତେ ଆନନ୍ଦ ଦେଇଥାଏ। ପ୍ରାୟ ସମୟ ମୁଁ ଏହି କଣ୍ଠଶିଳ୍ପୀମାନଙ୍କ ଗୀତ ଶୁଣିବାକୁ ଭଲ ପାଇଥାଏ।

**ଜୀବନର ସ୍ମରଣୀୟ ଘଟଣା?**

ଗ୍ରାଜୁଏଶନରେ ମନସ୍ତତ୍ତ୍ୱ ବିଭାଗରେ ମୁଁ ରାଜ୍ୟରେ ପ୍ରଥମ ହୋଇଥିଲି। ମୋ ବାପା ରାଧାନାଥ ରଥ, ଯାହାଙ୍କୁ ଓଡ଼ିଶାର ମନସ୍ତତ୍ତ୍ୱ ବିଭାଗର ଜନକ କୁହାଯାଏ, ସେ ସେତେବେଳେ ଲଣ୍ଡନରେ ଥିଲେ। ମୁଁ ରାଜ୍ୟରେ ପ୍ରଥମ ହୋଇଛି ଖବର ବାପାଙ୍କୁ ଚିଠି ମାଧ୍ୟମରେ ଜଣାଇଥିଲି। ବାପା ପ୍ରତ୍ୟୁତ୍ତରରେ ମୋ ପାଖକୁ ଏକ ଲମ୍ବା ଚିଠି ପଠାଇଥିଲେ। ସେ ଚିଠିରେ ମୋତେ ପ୍ରଶଂସାରେ ପୋତି ପକାଇଥିଲେ। ଜୀବନରେ ମୁଁ ବହୁତ ଆଗକୁ ବଢିପାରିବି ବୋଲି ବାପା ଉକ୍ତ ଚିଠିରେ ମୋତେ ଆଶୀର୍ବାଦ ଓ ପ୍ରେରଣା ଦେଇଥିଲେ। ସେ ଚିଠିକୁ ମୁଁ ଏପର୍ଯ୍ୟନ୍ତ ବି ସାଇତି ରଖିଛି।

– ସାକ୍ଷାତ୍: ନିର୍ମଳ ପଣ୍ଡା

## ଫିଟ୍‌ନେସ୍

# ପ୍ରାଣାୟାମ କରେ



ଆକାଶ ଦାସ ନାୟକ

ଆକାଶ ଦାସ ନାୟକ। ଓଡ଼ିଆ ସିନେ ଜଗତର ଜଣେ ଜଣାଶୁଣା ଚେହେରା। ୨୦୦୮ରେ 'ସତ୍ୟମେବ ଜୟତେ' ଚଳଚ୍ଚିତ୍ର ଜରିଆରେ ସେ ଇଣ୍ଡଷ୍ଟ୍ରିରେ ପାଦ ଥାପିଥିଲେ। ଏହାପରେ 'ଶୁଭ ବିବାହ', 'ଆଲୋ ମୋର କଣ୍ଢେଇ', 'ଶପଥ', 'ଅଗସ୍ତ୍ୟ' ଭଳି ସୁପରହିଟ୍ ଫିଲ୍ମରେ ଅଭିନୟ କରି ଦର୍ଶକଙ୍କ ଭଲପାଇବା ସାଉଁଟିଛନ୍ତି। ୨୫ରୁ ଊର୍ଦ୍ଧ୍ୱ ଫିଲ୍ମରେ ଅଭିନୟ କରିଛନ୍ତି। ଏହାଛଡ଼ା ସେ ଜଣେ ରାଜନୀତିଜ୍ଞ। ଯାଜପୁର ଜିଲା କୋରେଇ ବ୍ଲକର ବିଧାୟକ। ଏତେ ବ୍ୟସ୍ତବହୁଳ ଜୀବନରେ ବି ଆକାଶ ନିଜ ଫିଟ୍‌ନେସ୍ ପ୍ରତି କେବେ ଅବହେଳା କରିନାହାନ୍ତି। ସକାଳୁ ଉଠି ପ୍ରଥମେ ଉଷୁମ ପାଣିରେ ମହୁ ମିଶାଇ ପିଅନ୍ତି। ତା'ପରେ ପ୍ରାୟ ଅଧଘଣ୍ଟା ପ୍ରାଣାୟାମ କରିଥାଆନ୍ତି। ଏହାପରେ ଯଦି ସମୟ ମିଳେ, ତେବେ ଜିମ୍ ଯାଆନ୍ତି ନଚେତ୍ ଘରେ କିଛି ବି ଏକ୍ସରସାଇଜ୍ କରିଥାଆନ୍ତି। ଶରୀରକୁ ସୁସ୍ଥ ରଖିବା ପାଇଁ ୨୦ଭାଗ ଏକ୍ସରସାଇଜ ହେଲେ ୮୦ଭାଗ ଖାଦ୍ୟ ଉପରେ ନିର୍ଭର କରେ ବୋଲି ଆକାଶ ଭାବନ୍ତି। ତେଣୁ ସବୁବେଳେ ସେ ଖାଦ୍ୟକୁ ଅଧିକ ଗୁରୁତ୍ୱ ଦିଅନ୍ତି। ପ୍ରୋଟିନ୍‌ଯୁକ୍ତ, କାର୍ବୋହାଇଡ୍ରେଟ୍, ଫ୍ୟାଟ୍‌ଯୁକ୍ତ ଖାଦ୍ୟ ଯେପରି ସନ୍ତୁଳିତ ରହିବ, ସେଥିପ୍ରତି ଧ୍ୟାନ ଦିଅନ୍ତି। ଏଥିପାଇଁ ସେ ଡାଲିଜାତୀୟ ଖାଦ୍ୟ, ଛେନା, ଅଣ୍ଡା ଅଧିକ ଖାଆନ୍ତି। ବ୍ରେକ୍‌ଫାଷ୍ଟରେ ରୁଟି ସବ୍‌ଜି, କର୍ନଫ୍ଲେକ୍ସ ନଚେତ୍ ଓଟ୍ସ ଖାଇଥାଆନ୍ତି। ଯଦିଓ ରାତିରେ ଶୀଘ୍ର ଖାଇବା ଉଚିତ, କିନ୍ତୁ କାମ ବ୍ୟସ୍ତତା ଯୋଗୁ ଶୀଘ୍ର ଖାଇପାରନ୍ତି ନାହିଁ। ରାତିରେ ଅଳ୍ପ ଖାଦ୍ୟ ଖାଇଥାଆନ୍ତି। ଖାଇସାରି ଗୋଟେ ଗ୍ଲାସ୍ ଅଳ୍ପ ଉଷୁମ ପାଣି ପିଇ ଟିକେ ଚଲାବୁଲା କରି ଶୋଇବାକୁ ଯାଆନ୍ତି। ତେବେ ଜଙ୍କଫୁଡ୍, ତେଲଯୁକ୍ତ ଓ ମସଲାଯୁକ୍ତ ଖାଦ୍ୟକୁ ସେ ପସନ୍ଦ କରନ୍ତିନାହିଁ। କିନ୍ତୁ ମାସରେ ଥରେ ଖାଇଥାଆନ୍ତି। ଗ୍ରୀନ ସାଲାଡ୍ ଖାଇବାକୁ ପସନ୍ଦ କରନ୍ତି। ଦିନକୁ ୭ ଲିଟର ପାଣି ପିଅନ୍ତି। କଳାକାର ନୁହେଁ, ପ୍ରତ୍ୟେକ ବ୍ୟକ୍ତି ଫିଟ୍ ରହିବା ଜରୁରୀ ବୋଲି ଆକାଶ କୁହନ୍ତି। ତାଙ୍କ ମତରେ, ପ୍ରତ୍ୟେକ ବ୍ୟକ୍ତି ତା'ର ସ୍ୱାସ୍ଥ୍ୟ ପ୍ରତି ପ୍ରାଥମିକତା ଦେବା ଉଚିତ। ନିଜ ସ୍ୱାସ୍ଥ୍ୟ ଠିକ୍ ରହିଲେ କେହି କିଛି କରିପାରିବ। ଯେଉଁ ସିଜନ୍‌ରେ ଯେଉଁ ଫଳ, ପନିପରିବା ଆସୁଛି, ତାହା ଖାଇବା ଉଚିତ। ଏଥିସହିତ ସବୁବେଳେ ଖୁସି ରହିବାକୁ ଚେଷ୍ଟା କରିବା ଏବଂ ସକାରାତ୍ମକ ଚିନ୍ତାଧାରା ରଖିବା ଉଚିତ। ପ୍ରାଣାୟାମ ଅନେକ ରୋଗର ନିରାକରଣ କରେ ଓ ମାନସିକ ଚିନ୍ତାଧାରାରେ ମଧ ପ୍ରଭାବ ପକାଏ। ତେଣୁ ସମସ୍ତେ ଅଳ୍ପ ସମୟ ହେଉ ପଛେ ପ୍ରାଣାୟାମ କରିବା ଜରୁରୀ।

– ରିପୋର୍ଟ: ଅସମାପିକା ସାହୁ

# ମ୍ୟୁଜିକ୍‌କୁ ନେଇ ବଞ୍ଚିବି

ଧରିତ୍ରୀ ଆଳାପ



ଅଭିଜିତ୍ ମିଶ୍ର

**ଜଣେ ଆଗଧାଡ଼ିର କଣ୍ଠଶିଳ୍ପୀ ହେଉଛନ୍ତି ଅଭିଜିତ୍ ମିଶ୍ର। ୨୦୦୯ରେ 'ସାତ ସୁରେ ବନ୍ଧା ଏ ଜୀବନ' ଫିଲ୍ମର ଟାଇଟଲ ଗୀତ ତାଙ୍କୁ ଲୋକଙ୍କ ମଧରେ ଦେଇଥିଲା ଏକ ସ୍ୱତନ୍ତ୍ର ପରିଚୟ। ୨୦ରୁ ଉର୍ଦ୍ଧ୍ୱ ଫିଲ୍ମ ଏବଂ ୨୦୦ରୁ ଉର୍ଦ୍ଧ୍ୱ ଆଲବମ୍ ଗୀତରେ ସେ ନିଜର କଣ୍ଠଦାନ କରି ଶ୍ରୋତାଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି। ଜଣେ କମ୍ପୋଜର ଭାବେ ମଧ ସେ ପରିଚିତ। ଓଡ଼ିଆ ଓ ହିନ୍ଦୀ ଭିଡିଓ ପ୍ରସ୍ତୁତ କରିଛନ୍ତି। ସଙ୍ଗୀତ ପାଇଁ ଚାକିରି ଛାଡ଼ିଦେଇଥିଲେ। ବର୍ତ୍ତମାନ ନିଜ କ୍ୟାରିୟର ପାଇଁ ବମ୍ବେରେ ନିଜର କାମ ଆରମ୍ଭ କରୁଛନ୍ତି। ଅଭିଜିତ୍‌ଙ୍କ ସହିତ ହୋଇଥିବା ସାକ୍ଷାତ୍‌କାରର କିୟଦଂଶ।**

**ସଙ୍ଗୀତ ଜଗତକୁ କିପରି ପ୍ରବେଶ କରିଥିଲେ?**

ମୋର ବାପା ପ୍ରସନ୍ନ ମିଶ୍ର ଜଣେ କଳାକାର ସହିତ ସଙ୍ଗୀତଜ୍ଞ। ଜେଜେମା' ତାରାମଣି ମିଶ୍ର ଅଲ୍ ଇଣ୍ଡିଆ ରେଡିଓରେ ଜଣେ ଆର୍ଟିଷ୍ଟ ଥିଲେ। ଜେଜେମା'ଙ୍କ ବାପା ଦୟାନିଧି ତ୍ରିପାଠୀ ପଖାଉଜ ବଜାନ୍ତି। ସେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ପଖାଉଜ ଅଧ୍ୟାପକ ଥିଲେ। ଯେହେତୁ ଘର ଲୋକଙ୍କ ରକ୍ତରେ ସଙ୍ଗୀତର ସ୍ଥାନ ଥିଲା, ତେଣୁ ସଙ୍ଗୀତ ପ୍ରତି ମୋର ଦୁର୍ବଳତା ଥିଲା। କିନ୍ତୁ ଦଶମ ଶ୍ରେଣୀ ପରେ ଗୁରୁ ପଣ୍ଡିତ ଦେବେନ୍ଦ୍ର ନାରାୟଣ ଶତପଥୀଙ୍କ ଠାରୁ ମୁଁ ହିନ୍ଦୁସ୍ତାନ କ୍ଲାସିକାଲ ଶିଖିବା ଆରମ୍ଭ କରିଥିଲି।

**ଜଣେ ବି.ଟେକ୍ ଇଞ୍ଜିନିୟରିଂ ଛାତ୍ର ଥିଲେ। ଚାକିରି ମଧ କରିଥିଲେ। କିନ୍ତୁ ଚାକିରି ଛାଡ଼ି ସଙ୍ଗୀତ ଦୁନିଆକୁ କାହିଁକି ଆସିଲେ?**

ଦୁଇଟିଯାକ ମିଶିକି କରିବି ବୋଲି ପ୍ରଥମେ ଭାବିଥିଲି। ଚାକିରି କରି ସଙ୍ଗୀତ ସହିତ ରହିବା ବହୁତ କଷ୍ଟକର। ଗୁଜରାଟରେ ଟାଟା ପାୱାରରେ ମେକାନିକାଲ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲି। ସେଠାରେ ଦୁଇବର୍ଷ ରହିବା ପରେ ଓଡ଼ିଶା ଫେରି ଆସିଥିଲି। ଝାରସୁଗୁଡ଼ାରେ ଭୂଷଣ ଷ୍ଟିଲ ପ୍ଲାଣ୍ଟରେ କାମ କଲି। କାମରୁ ଫେରି ଏତେ ହାଲିଆ ଲାଗେ ଯେ ସଙ୍ଗୀତକୁ ସମୟ ଦେଇପାରିଲିନି। ସଙ୍ଗୀତ ପାଇଁ ସବୁବେଳେ ମନ ସ୍ଥିର ହେବା ଦରକାର, ଯାହା ମୋ ପକ୍ଷରେ ସମ୍ଭବ ହେଲା ନାହିଁ। ତେଣୁ ଚାକିରି ପୂରା ଛାଡ଼ିବାକୁ ନିଷ୍ପତ୍ତି ନେଲି।

**'ସାତ ସୁରେ ବନ୍ଧା ଏ ଜୀବନ' ଗୀତ ବହୁ ଲୋକପ୍ରିୟ ହୋଇଥିଲା। କ'ଣ କହିବେ ଏ ସମ୍ପର୍କରେ ?**

ବିଗ୍ ୯୨.୭ ଏଫ୍ଏମ୍‌ରେ ଏକ ପ୍ରତିଯୋଗିତା ହୋଇଥିଲା। ସେଥିରେ ମୁଁ ପ୍ରଥମ ହୋଇଥିଲି। ତେବେ ସେଥିରେ ସଙ୍ଗୀତଜ୍ଞ ମନ୍ମଥ ମିଶ୍ର ବିଚାରକ ଥିଲେ। ସେ ମୋର ଗୀତ ଶୁଣି ମୁଁ ଜଣେ ପ୍ରଚ୍ଛଦପଟ ଗାୟକ ହୋଇପାରିବି ବୋଲି କହିଥିଲେ। ସେ ହିଁ ମୋତେ ସେହି ଫିଲ୍ମର ସବୁ ଗୀତ ଗାଇବା ପାଇଁ ସୁଯୋଗ ଦେଇଥିଲେ।

**ଆପଣ ଗାଇଥିବା ଅନେକ ଗୀତ ସୁପରହିଟ୍ ହୋଇଛି। କିନ୍ତୁ କେଉଁ ଗୀତରେ ଆପଣ ଅଧିକ ପ୍ରଶଂସା ପାଇଛନ୍ତି ଓ ଆତ୍ମସନ୍ତୋଷ ମିଳିଛି?**

'ସାତ ସୁରେ ବନ୍ଧା ଏ ଜୀବନ' ଯେହେତୁ ମୋର ପ୍ରଥମ ଗୀତ ଥିଲା ତେଣୁ ଭଲ ଲାଗିଥିଲା। କିନ୍ତୁ 'ଏସିପି ସାଗରିକା' ଚଳଚ୍ଚିତ୍ରର 'କଟିଯାଇଥିବା କାଗଜର ଗୁଡ଼ି' ଗୀତରେ ଏକ କାଗଜଗୁଡ଼ିକୁ ମଣିଷର ଜୀବନ ସହିତ ତୁଳନା କରାଯାଇଛି। ସେହି ଗୀତ ପାଇଁ ବହୁତ ପ୍ରଶଂସା ପାଇଥିଲି। ଏଭଳି ଏକ ଗୀତ ଗାଇଥିବାରୁ ମୋତେ ଖୁସି ଲାଗେ।

**ଇଣ୍ଡଷ୍ଟ୍ରିକୁ ପ୍ରବେଶ କରିବାକୁ ହେଲେ ରିଆଲଟି ଶୋ' ଏକ ମାଧ୍ୟମ ବୋଲି ଆଜିକାର କଳାକାରମାନଙ୍କ ଚିନ୍ତାଧାରା ରହିଛି। ଆପଣ କ'ଣ ଭାବୁଛନ୍ତି?**

ଏଇଟା ଆଦୌ ଠିକ୍ ନୁହେଁ। ରିଆଲଟି ଶୋ' ଏକ ପ୍ଲାଟଫର୍ମ ଦେଇଥାଏ ଓ ଗୋଟେ ପରିଚୟ ସୃଷ୍ଟି କରାଇଦେବ। କିନ୍ତୁ ତା'ପରେ ସେହି କଳାକାର ଜଣକ ନିଜକୁ କିପରି ଉନ୍ନତି କରିବ ତା' ଉପରେ ନିର୍ଭର କରୁଛି। ଅନେକେ ଏଭଳି ପ୍ଲାଟଫର୍ମ ପାଇବା ପରେ ନିଜକୁ ଷ୍ଟାର ବୋଲି ମନେକରନ୍ତି।

**କେଉଁଭଳି ଗୀତକୁ ଆପଣ ସଫଳ ବୋଲି କହିବେ?**

ଆଜିକାଲି ବହୁତ ଗୀତ ବାହାରୁଛି। ଏତେ ଲୋକ ଦେଖିଲେ, ଏତେ ଲୋକ କମେଣ୍ଟ କଲେ ବୋଲି କୁହାଯାଉଛି। କିନ୍ତୁ ସେଥିରେ ରିଆଲଟି କ'ଣ ଥାଏ ତାହା କେହି ଜାଣନ୍ତି ନାହିଁ। ଆଜିକାଲି ଏସବୁ ପାଇଁ ପେଡ୍ ମଧ ହେଉଛି। ଯଦି କୌଣସି ଗୀତ ଶୁଣିକି ପାଟିରେ ୱାଃ ୱାଃ... ବାହାରୁଛି, ସେହି ଗୀତଟି ହିଁ ସଫଳ ବୋଲି ମୁଁ ବିଶ୍ୱାସ କରେ।

**ଆଜିକାଲି ଅଧିକାଂଶ ଓଡ଼ିଆ ଗୀତରେ ଅନ୍ୟ ଭାଷା ବ୍ୟବହାର କରି ଫ୍ୟୁଜନ୍ କରାଯାଉଛି। ଆପଣଙ୍କ ମତରେ ଏହା ଠିକ୍ କି ?**

ନାଁ। ଏଭଳି ହେବା ଦ୍ୱାରା ଓଡ଼ିଆ ଭାଷା ମରିଯାଉଛି। ଯଦି କେଉଁଠି ଦରକାର ପଡୁଛି କିମ୍ବା ଶୁଣିବାକୁ ସୁନ୍ଦର ଲାଗୁଛି ତେବେ କରିବା ଉଚିତ। ହିନ୍ଦୀ ଗୀତରେ ମଧ ଅନେକ ଭାଷାର ବ୍ୟବହାର କରାଯାଏ। କିନ୍ତୁ ତାହା ଶୁଣିବାକୁ ଭଲଲାଗେ। ସେଥିରେ ସେନ୍ସ ମଧ ରହିଥାଏ। କିନ୍ତୁ ଓଡ଼ିଆ ଗୀତରେ ତାହା ଶୁଣିବାକୁ ମିଳେ ନାହିଁ। ଅଯଥାରେ ଅନେକ ଗୀତରେ ଜବରଦସ୍ତ ଅନ୍ୟ ଭାଷା ଭର୍ତ୍ତି କରାଯାଉଛି, ଯାହାକି ଗୀତଟିକୁ ପୂରା ଖରାପ କରିଦେଇଥାଏ। ଏହା ଦ୍ୱାରା ଓଡ଼ିଆ ଭାଷା ମଧ ଖରାପ ହୋଇଯାଉଛି।

**ପୁରୁଣା ଗୀତ ଆଜିବି ଅନେକ ଲୋକ ଶୁଣୁଛନ୍ତି ଓ ଭଲପାଉଛନ୍ତି। ଏହାର କାରଣ କ'ଣ?**

ମୁଁ ଭାବୁଛି କି ଜଣେ କମ୍ପୋଜରଙ୍କ ଥଟ୍‌ରେ କମି ରହୁଛି। ପୂର୍ବରୁ ଅଳ୍ପ ଗୀତ ବାହାରୁଥିଲା। ଗୋଟେ ଗୋଟେ ଗୀତ ତିଆରି କରିବା ପାଇଁ ମାସ ମାସ ବିତିଯାଉଥିଲା। କିନ୍ତୁ ଆଜିକାଲି ତାହା ସଙ୍ଗେ ସଙ୍ଗେ କରାଯାଉଛି। କାରଣ ଆଜିକାଲି ସଙ୍ଗୀତ ବ୍ୟବସାୟ ହୋଇଗଲାଣି।

**ଗୀତ ଗାଇବା ସହ ଆପଣ ଜଣେ କମ୍ପୋଜର। ଏଥିରୁ କେଉଁ କାର୍ଯ୍ୟ କଷ୍ଟ ଓ କେଉଁଟା ଭଲ ଲାଗେ?**

ଯଦି କୌଣସି କାମ ହୃଦୟ ଭିତରୁ କରୁଛ ତେବେ ତାହା କଷ୍ଟକର ହେବ ନାହିଁ। ଦୁଇଟାଯାକ ମୋତେ ଭଲ ଲାଗେ। ତେବେ କମ୍ପୋଜ କରିବା ବେଳେ ଅଧିକ ଭଲ ଲାଗେ। କାରଣ ମନ ଭିତରେ ଯେଉଁ ଟ୍ୟୁନ୍ ରହିଥାଏ ତାକୁ ପ୍ରକାଶ କରିଥାଏ।

**'ସେଇଠି ଆମ ଗାଁ' ଆପଣଙ୍କର ପ୍ରଥମ କମ୍ପୋଜ ଥିଲା। କ'ଣ କହିବେ ସେ ସମ୍ପର୍କରେ ?**

ଲେଖକ ସଚ୍ଚି ମହାନ୍ତି ଏକ କାର୍ଯ୍ୟକ୍ରମରେ ମୋତେ ଗୀତା ଖୁଣ୍ଟିଆଙ୍କ ଏକ ଗୀତ ଗାଇବା ପାଇଁ କହିଥିଲେ। ସେହି ଗୀତଟି ବହୁତ ଭଲ ଲେଖା ହୋଇଥିଲା ଓ ଏକ ଭିଡିଓ କରିହେବ ବୋଲି ଭାବିଲି। ସେଥିରେ ଦୁଇଜଣ ଛୋଟ ପିଲାଙ୍କ ସହିତ ମୁଁ ମଧ ଅଭିନୟ କରିଥିଲି। ସେଥିରେ ମୁଁ ମୋ ଛୋଟ ବେଳ ଦେଖୁଥିବାର କନ୍‌ସେପ୍ଟ ଥିଲା।

**ବଲିଉଡ୍‌କୁ ଯିବା ପାଇଁ ଆଶା ରଖିଛନ୍ତି କି ?**

ନିଶ୍ଚିତ। ସେଥିପାଇଁ ମୁଁ ବମ୍ବେକୁ ଆସିଛି। କିଛି କିଛି କାମ ମଧ ଆରମ୍ଭ ହେବାକୁ ଯାଉଛି।

**ଭବିଷ୍ୟତରେ ମ୍ୟୁଜିକ୍‌କୁ ନେଇ କ'ଣ ସ୍ୱପ୍ନ ରଖିଛନ୍ତି ?**

ମ୍ୟୁଜିକ୍‌କୁ ନେଇ ବଞ୍ଚିବି, ଭବିଷ୍ୟତ କ'ଣ ହେବ ଜାଣିନି। ଏତିକି ଜାଣିଛି, ମୁଁ ଏହିଭଳି ପରିଶ୍ରମ କରୁଥିବି। ତେବେ ଜଣେ ଭଲ ମ୍ୟୁଜିକ୍ ଡାଇରେକ୍ଟର ହେବାକୁ ଚିନ୍ତା କରିଛି। କିନ୍ତୁ ଭଗବାନଙ୍କ ଉପରେ ନିର୍ଭର କରେ, ସେ ମୋ ଭାଗ୍ୟରେ କ'ଣ ରଖିଛନ୍ତି।

**ଆପଣଙ୍କ ପ୍ରିୟ କଣ୍ଠଶିଳ୍ପୀ କିଏ ?**

ଛୋଟ ବେଳରୁ ମୁଁ ହରିହରନଙ୍କ ଗୀତ ବହୁତ ଶୁଣେ। ସୋନୁ ନିଗମ, ଅରଜିତ୍ ସିଂଙ୍କ ଗୀତକୁ ମଧ ବହୁତ ଭଲପାଏ।

**କ'ଣ ଖାଇବାକୁ ଭଲପାଆନ୍ତି ?**

ପଖାଳ, ଆଳୁଭର୍ତ୍ତା ଏବଂ ଭାତ ଓ ଡାଲମା ଖାଇବାକୁ ଭଲପାଏ।

**ରିୟଲ ଲାଇଫ୍‌ରେ ଅଭିଜିତ୍ କେମିତି?**

କାହାର ଅନିଷ୍ଟ ହେବା ପାଇଁ ଚେଷ୍ଟା କରେନାହିଁ। କାହାକୁ କେବେ କଷ୍ଟ ଦେଇନାହିଁ କିମ୍ବା ଦେବାକୁ ଚାହେଁ ନାହିଁ। ଯିଏ ମୋ ସହିତ ଭଲରେ ମିଶିବାକୁ ଚେଷ୍ଟା କରନ୍ତି ମୁଁ ଭଲରେ ମିଶେ।

– ସାକ୍ଷାତ୍: ଅସମାପିକା ସାହୁ